DHARITRI.COM

Vol VIII Issue No.134 Tuesday, 15 May 2007








# କେନ୍ଦ୍ର ଅବହେଳାର ପ୍ରତିବାଦ କରାଯିବ

Click to enlarge text: A A A A

ଭୁବନେଶ୍ୱର,୧୪।୫(ବ୍ୟୁରୋ)-ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳା ଏବେ ଚରମ ସୀମାରେ ପହଞ୍ଚିଛି ବୋଲି ଶକ୍ତିମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ପ୍ରକାଶ କରିଛନ୍ତି । ଏହାକୁ ଆଦୌ ବରଦାସ୍ତ କରାଯିବ ନାହିଁ ଏବଂ ଏହା ବିରୁଦ୍ଧରେ ଏବେଠାରୁ ସ୍ୱର ଉତ୍ତୋଳନ ଆରମ୍ଭ ହୋଇଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାତ୍ର କହିଛନ୍ତି ଯେ, ଆଇଆଇଟି ପ୍ରତିଷ୍ଠାଠାରୁ ଆରମ୍ଭ କରି ବିଦ୍ୟୁତୀକରଣ ଯୋଜନା ପର୍ଯ୍ୟନ୍ତ ସବୁଥିରେ କେନ୍ଦ୍ରର ନେତୃତ୍ୱାଧୀନ ଉପା ସରକାର ଓଡ଼ିଶାକୁ ଅବହେଳା କରିଚାଲିଛି । ପ୍ରଥମେ ଓଡ଼ିଶା, ବିହାର ଓ ରାଜସ୍ଥାନରେ ୩ଟି ଆଇଆଇଟି ପ୍ରତିଷ୍ଠା କରାଯିବ ବୋଲି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଘୋଷଣା କରିଥିଲେ । ପରେ ଏହା ଓଡ଼ିଶାରେ ହେବ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଦେଇଥିଲେ । କେବଳ ଏତିକି ନୁହେଁ ଓଡ଼ିଶାରେ ଏକ ଆଇଆଇଟି ସାଟେଲାଇଟ୍ କ୍ୟାମ୍ପସ୍ ହେବ ଏବଂ ଏଥିପାଇଁ ଜମି ଅଧିଗ୍ରହଣ କରିବାକୁ କେନ୍ଦ୍ର ସରକାର ରାଜ୍ୟକୁ ପରାମର୍ଶ ଦେଇଥିଲେ । ରାଜ୍ୟ ସରକାର ଏଥିପାଇଁ ୩୦୦ ଏକର ଜମି ମଧ୍ୟ ବନ୍ଦୋବସ୍ତ କରିଥିଲେ । ମାତ୍ର ବର୍ତ୍ତମାନ ଏହି କ୍ୟାମ୍ପସ୍ ଓଡ଼ିଶାରେ ହେବ ନାହିଁ ବୋଲି କେନ୍ଦ୍ର ସରକାର ମନା କରିଦେଇଛନ୍ତି । ସେହିଭଳି ରାଜୀବ ଗାନ୍ଧୀ ବିଦ୍ୟୁତୀକରଣ ଯୋଜନାରେ ଏଣିକି ୩୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ବିଦ୍ୟୁତୀକରଣ କରାଯିବ ବୋଲି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ବହୁ ଗ୍ରାମର ବାସିନ୍ଦାମାନେ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହେବେ ବୋଲି ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି । ଏହାଛଡା କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ପାଇଁ ଓଡ଼ିଶା ଏନଟିପିସିରୁ ଶେୟାର ବାବଦରେ ପାଇବାକୁ ଥିବା ବିଦ୍ୟୁତ୍ ଆଉ ପାଇପାରିବ ନାହିଁ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । କେନ୍ଦ୍ରର ଏଭଳି ଅବହେଳା ବିରୁଦ୍ଧରେ ବିଜେଡି ଯୁବ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଆଜିଠାରୁ ଆରମ୍ଭ ହୋଇଯାଇଛି ଏବଂ ଏହାକୁ ଆଗାମୀ ଦିନରେ ଜୋରଦାର କରାଯିବ ବୋଲି ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି ।

previous || next

**New York Times Newspaper**
denver - Get Home Delivery for as little as $3.15 per week!
www.nytimes.com

**Tahoe Daily Tribune**
See the all new Tahoe Daily Tribune New content, new size, new format!
TahoeDailyTribune.com

©2004 Dharitri All Rights Reserved.
Send all feedback / comments to webmail@dharitri.com.
Advertisement inquiries contact advt@dharitri.com.